# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05th October - 2023**

**News Editor : *Itishree Singh Rathaur***

********************************

## ମୁଖ୍ୟ ସମ୍ବାଦ

- ଉଜ୍ଜ୍ୱଳା ଗ୍ୟାସ୍ ମୂଲ୍ୟ ହ୍ରାସ ଫଳରେ ଓଡ଼ିଶାର ୫୩ ଲକ୍ଷରୁ ଅଧିକ ହିତାଧିକାରୀ ଉପକୃତ ହେବେ; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- ରାୟଗଡ଼ାର କଂସାରୀଗୁଡ଼ାଠାରେ ପ୍ରସ୍ତାବିତ ଆଲୁମିନା ରିଫାଇନାରୀ ପାଇଁ ଓଡ଼ିଶା ଖଣି ନିଗମ ଓ ହିଣ୍ଡାଲକୋ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ।

— ବିନିଯୋଗ ହେବ ୮ ହଜାର କୋଟି ଟଙ୍କା; ୫ ହଜାର ଲୋକଙ୍କୁ ମିଳିବ ରୋଜଗାର ।

- ସିକ୍କିମ୍‌ରେ ପ୍ରଳୟଙ୍କରୀ ବନ୍ୟାରେ ଓଡ଼ିଆ ଯବାନଙ୍କ ମୃତ୍ୟୁ; ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ।
- ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ବନକଲାଗି ନୀତି; ୪ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ।

ଏବଂ

- ଏସୀୟ କ୍ରୀଡାରେ ଆଜି ଭାରତକୁ ମିଳିଲା ଆଉ ୩ଟି ସ୍ୱର୍ଣ୍ଣ; ପଦକ ସଂଖ୍ୟା ୮୬କୁ ବୃଦ୍ଧି ।

***HS***

## ଉଜ୍ଜ୍ୱଳା ଗ୍ୟାସ୍ - ଧର୍ମେନ୍ଦ୍ର ପ୍ରଧାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଫଳରେ ଓଡ଼ିଶା ସମେତ ଭାରତବର୍ଷର ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ପ୍ରତି ମାସରେ ଆହୁରି ରିହାତି ଦରରେ ଗ୍ୟାସ ପାଇପାରିବେ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଏହାଦ୍ୱାରା ଦେଶର ୯ କୋଟି ୬୦ ଲକ୍ଷ ଉଜ୍ଜ୍ୱଳା ହିତାଧିକାରୀ ଏବଂ ଓଡ଼ିଶାର ୫୩ ଲକ୍ଷରୁ ଅଧିକ ଉଜ୍ଜଳା ହିତାଧିକାରୀ ଲାଭବାନ ହେବେ ।  ସେ କହିଛନ୍ତି, ପୂର୍ବରୁ ଉଜ୍ଜ୍ୱଳା ଲାଭାର୍ଥୀଙ୍କୁ ୨୦୦ ଟଙ୍କାର ସବସିଡି ଦିଆଯାଉଥିଲା । ଗତ ଅଗଷ୍ଟ ୨୯ ତାରିଖରେ ୨୦୦ ଏବଂ ଗତକାଲି ୧୦୦ ଟଙ୍କା ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସବୁ ନିଷ୍ପତ୍ତିକୁ ଦେଖିଲେ ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ବଜାରର ନିର୍ଦ୍ଧାରିତ ମୂଲ୍ୟଠାରୁ ୫୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ ସିଲିଣ୍ଡର ପାଇବେ ବୋଲି ସେ କହିଛନ୍ତି ।

***Desk***

## ବୁଝାମଣାପତ୍ର ସ୍ୱାକ୍ଷରିତ - ଖଣି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓଡିଶା ଖଣି ନିଗମ- ଓଏମ୍‌ସି ଏବଂ ହିଣ୍ଡାଲ୍‌କୋ ମଧ୍ୟରେ ରାୟଗଡ଼ାର କଂସାରୀଗୁଡ଼ାଠାରେ

ପ୍ରସ୍ତାବିତ ଆଲୁମିନା ରିଫାଇନାରୀ ପାଇଁ ଦୀର୍ଘକାଳୀନ କଞ୍ଚାମାଲ ଉପଲବ୍ଧ କରାଇବାକୁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲବନ୍ତ ସିଂ ଏବଂ ହିଣ୍ଡାଲ୍‌କୋର ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ରାୟଗଡ଼ାଠାରେ ୨ ମିଲିୟନ୍ ଟନ୍ ଆଲୁମିନା ରିଫାଇନାରୀ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଆଜି ଓଡ଼ିଶାରେ ଶିଳ୍ପର ବୃଦ୍ଧି ଓ ବିକାଶ ଦିଗରେ ଏକ ନୂଆ ଯାତ୍ରାର ଆରମ୍ଭ ହୋଇଛି। ପୂର୍ବ ଭାରତର ଶିଳ୍ପ ହବ୍ ଭାବେ ଓଡ଼ିଶାକୁ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଦେବାକୁ ରାୟଗଡ଼ାର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି, ୮ ହଜାର କୋଟି ଟଙ୍କା ବିନିଯୋଗରେ ଏହି ରିଫାଇନାରୀ ନିର୍ମାଣ କରାଯାଉଛି। ଏହା ମାଧ୍ୟମରେ ୧ ହଜାର ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି ହେବାକୁ ଥିବାବେଳେ ପରୋକ୍ଷ ଭାବରେ ୪ ହଜାର ଲୋକଙ୍କୁ ରୋଜଗାର ମିଳିବ।

***Desk***

# ମୁଖ୍ୟମନ୍ତ୍ରୀ - ବି.ପି.ୟୁ.ଟି. ଟେକ୍ କାର୍ଣ୍ଣିଭାଲ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟି ପ୍ରେକ୍ଷାଳୟରେ ବିପିୟୁଟି ଟେକ୍ କାର୍ଣ୍ଣିଭାଲ୍-୨୦୨୩ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆଜି ପ୍ରଗତି, ସୁସ୍ଥତା ସବୁକିଛି ପ୍ରଯୁକ୍ତି ବିଦ୍ୟା

ଉପରେ ନିର୍ଭର କରୁଛି। ସେ ଛାତ୍ରଛାତ୍ରୀମାନଙ୍କୁ ସାମ୍ପ୍ରତିକ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ି ହୋଇ ନିଜର ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଏହି କ୍ଷେତ୍ରରେ ଦକ୍ଷତା ବିକାଶ କେନ୍ଦ୍ର ଏକ ପ୍ରମୁଖ ଅନୁଷ୍ଠାନ ଭାବେ କାର୍ଯ୍ୟ କରୁଛି। ଏହି ଅବସରରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି, ଓଡ଼ିଶା ପ୍ରଯୁକ୍ତିବିଦ୍ୟାର ପେଣ୍ଠସ୍ଥଳି ପାଲଟିଛି। ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷା ଦିଆଯିବା ସହ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି ଅବସରରେ ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍ ଦକ୍ଷତା ବିକାଶ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ବିପିୟୁଟିର କୁଳପତି ଅମୀୟ କୁମାର ରଥଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

***Balasore/R***

## କୃଷି ଉଦ୍ୟୋଗୀ ସମାବେଶ

ବାଲେଶ୍ୱରଠାରେ ଆଜି ରାଜ୍ୟ କୃଷି ନୀତି ଉପରେ ଆଧାରିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ କୃଷି ଉଦ୍ୟୋଗୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପଶୁପାଳନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ ଉଦ୍‌ଘାଟନ କରି ଚାଷୀମାନେ ସରକାରୀ ସହାୟତାରେ କୃଷି ଉଦ୍ୟୋଗମାନ ପ୍ରତିଷ୍ଠା କରି

ଲାଭବାନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଉତ୍ସାହୀ ଓ ଆଶାୟୀ କୃଷକମାନେ କୃଷି ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଇପିକଲ୍ ସହାୟତାରେ ବ୍ୟାଙ୍କ୍ ଜରିଆରେ ଆର୍ଥିକ ସହାୟତା ଓ ରିହାତି ପ୍ରଦାନ କରାଯାଉଥିବା ସମ୍ପର୍କରେ ଚାଷୀମାନଙ୍କୁ ଅଧିକାରୀମାନେ ଅବଗତ କରାଇଥିଲେ ।

*GNR*

# ନୋବେଲ ପୁରସ୍କାର - ସାହିତ୍ୟ

ନରୱେର ଲେଖକ ଜନ୍ ଫୋସିଙ୍କୁ ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ନୋବେଲ୍ ପୁରସ୍କାର କମିଟି ଏକ ବିବୃତ୍ତିରେ କହିଛି, ଯାହା ସାଧାରଣ ମଣିଷଟେ ପ୍ରକାଶ କରିପାରେ ନାହିଁ, ତାହା ଫୋସିଙ୍କ ନାଟକ ଓ ପ୍ରବନ୍ଧରେ ଶବ୍ଦର ରୂପ ପାଇଥାଏ । ତାଙ୍କ ଲେଖାରେ ଅନେକ ନାଟକ, ଉପନ୍ୟାସ, କବିତା ସଂଗ୍ରହ, ପ୍ରବନ୍ଧ, ଶିଶୁପୁସ୍ତକ ଓ ଅନୁବାଦ ଅନ୍ତର୍ଭୁକ୍ତ । ତାଙ୍କ ଲିଖିତ ନାଟକଗୁଡ଼ିକ ବିଶ୍ୱର ସର୍ବାଧିକ ଅଭିନୀତ ନାଟକ ଭାବେ ମାନ୍ୟତା ପାଇଛନ୍ତି ।

*Desk*

# ଓଡ଼ିଆ ଯବାନଙ୍କ ମୃତ୍ୟୁ

ସିକ୍କିମ୍‌ରେ ପ୍ରଳୟଙ୍କରୀ ବନ୍ୟାରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କେନ୍ଦୁଢିପର ଓଡ଼ିଆ ଯବାନ ସରୋଜ କୁମାର ଦାସଙ୍କର ମୃତ୍ୟୁ ଘଟିଛି । ଏନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଦିନ ସିକ୍କିମ୍‌ରେ ବାଦଲଫଟା ବର୍ଷା ଯୋଗୁଁ ହଠାତ୍ ବନ୍ୟା ଆସିଯିବା ଫଳରେ ଓଡ଼ିଆ ଯବାନ ସରୋଜଙ୍କ ସମେତ ୨୩ ଜଣ ଯବାନ ନିଖୋଜ ହୋଇଥିଲେ । ଆଜି ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ସରୋଜ ୨୦୧୨ ମସିହା ଅକ୍ଟୋବର ୨୧ ତାରିଖରେ ସେନାରେ ସିପାହୀ ଭାବେ ନିଯୁକ୍ତି ପାଇଥିଲେ। ସିପାହୀରୁ ପଦୋନ୍ନତି ପାଇ ହାବିଲଦାର ହେବା ପରେ ସେପ୍ଟେମ୍ବର ୬ ତାରିଖରେ ସିକିମରେ ଅବସ୍ଥାପିତ ହୋଇଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯବାନଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସିକ୍କିମରେ ବନ୍ୟା ଯୋଗୁଁ ଘଟିଥିବା ଅଘଟଣରେ ଓଡ଼ିଆ ଯବାନ ସରୋଜ କୁମାର ଦାସଙ୍କ ମୃତ୍ୟୁ ବିଷୟରେ ଜାଣି ସେ ଦୁଃଖିତ। ଦେଶ ସେବାରେ ତାଙ୍କର ବଳିଦାନ ସର୍ବଦା ସ୍ମରଣୀୟ ରହିବ।

***Puri/R (Rpt)***

## ବନକ ଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀବିଗ୍ରହମାନଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେଉଛି । ଦତ୍ତ ମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରୁଛନ୍ତି । ଆଶ୍ୱିନ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ବନକଲାଗି ନୀତି ଅନୁଷ୍ଠିତ ହେଉଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

***Kalahandi/R***

## ଛତର ଯାତ୍ରା - ପ୍ରସ୍ତୁତି ବୈଠକ

କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମା' ମାଣିକେଶ୍ୱରୀଙ୍କ 'ଛତର ଯାତ୍ରା' ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ରାଜବାଟୀ ପକ୍ଷରୁ ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ଥିଲେ । ମାଣିକେଶ୍ୱରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜାରି ସୂଚନା ଅନୁସାରେ ଆସନ୍ତା ୨୨ ତାରିଖରେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା, ଜେନାଖାଲ ପୂଜାର୍ଚ୍ଚନା ସାରି ମନ୍ଦିର ଅଭିମୁଖେ ଶ୍ରଦ୍ଧାଳୁମାନଙ୍କ ଗ୍ରହଣରେ ଯାତ୍ରା କରିବେ । ଏହି ବୈଠକରେ ଯାତ୍ରାରେ

ଶାନ୍ତିଶୃଙ୍ଖଳା ରକ୍ଷା, ଆମ୍ବୁଲାନ୍ସ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

*Desk*

## ବି.ଏଡ୍. ସ୍ପଟ୍ ନାମଲେଖା

ବି.ଏଡ୍. ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ଆଶାୟୀ ଛାତ୍ରଛାତ୍ରୀମାନେ ୭ ତାରିଖରୁ ୯ ତାରିଖ ମଧ୍ୟରେ ରିପୋର୍ଟିଂ କରିବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବେ। ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ଆସନ୍ତା ୧୨ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଏହାର ନାମଲେଖା ୧୩ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ।

*Nayagarh/R*

## ବନ୍ୟପ୍ରାଣୀ ସପ୍ତାହ

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଆଜି ଅଣସ୍ତରିତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅକ୍ଟୋବର ୨ରୁ ବନ୍ୟପ୍ରାଣୀ

ସପ୍ତାହ ପାଳିତ ହୋଇଆସୁଛି । ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାପାଳ ଶ୍ରୀ ସାହୁ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ । ଜଙ୍ଗଲକୁ ସୁରକ୍ଷା ଦେଲେ ଜନବସତିକୁ ବନ୍ୟପ୍ରାଣୀମାନେ ଆସିବେ ନାହିଁ ବୋଲି କହିବା ସହ ନୟାଗଡ଼ ଜିଲ୍ଲାର ୩୮ ଭାଗ ଜଙ୍ଗଲ ଅଞ୍ଚଳ ରହିଛି ବୋଲି ଜିଲ୍ଲାପାଳ କହିଥିଲେ । ନୟାଗଡ଼ ଜିଲ୍ଲାର ଜଙ୍ଗଲଗୁଡ଼ିକରେ ଏବେ ୫୫ଟି ହାତୀ ରହୁଛନ୍ତି । ବୃକ୍ଷରୋପଣ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେବା ସହ ନିଜେ ସୁରକ୍ଷିତ ରହି ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ ପରାମର୍ଶ ଦେଇଥିଲେ ।

***GNR***

# ଜାତୀୟ ଡଲ୍‌ଫିନ୍ ଦିବସ

ଦେଶବ୍ୟାପୀ ଆଜି ଜାତୀୟ ଡଲ୍‌ଫିନ୍ ଦିବସ ପାଳନ କରାଯାଉଛି । ଜାତୀୟ ଜଳଜୀବ ଡଲ୍‌ଫିନ୍‌ର ସଂରକ୍ଷଣ ଉଦ୍ଦେଶ୍ୟରେ ସଚେତନତା ପାଇଁ ପ୍ରତ୍ୟେକ ବର୍ଷ ଆଜିର ଦିନକୁ ଜାତୀୟ ଡଲ୍‌ଫିନ୍ ଦିବସ ଭାବେ ପାଳନ କରାଯାଏ । ବନ୍ୟପ୍ରାଣୀ ବିଶେଷଜ୍ଞ, ପଶୁପ୍ରେମୀ ଏବଂ ପରିବେଶବିତ୍‌ମାନଙ୍କର ଦାବି ଫଳରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡ଼ ୨୦୨୨ ମସିହାଠାରୁ ଅକ୍ଟୋବର ୫ ତାରିଖକୁ ଜାତୀୟ ଡଲ୍‌ଫିନ ଦିବସ ଭାବେ ପାଳନ କରିଆସୁଛି । ଜୀବବିଜ୍ଞାନୀଙ୍କ ମତରେ ବାଘର ଉପସ୍ଥିତି ଜଙ୍ଗଲର ଉତ୍ତମ ସ୍ୱାସ୍ଥ୍ୟକୁ ସୂଚୀତ କରେ । ସେହିପରି ପାର୍ବତ୍ୟାଞ୍ଚଳରେ ବରଫ ଚିତା, ତୃଣଭୂମି

ଅଞ୍ଚଳରେ ଚିତାବାଘ ଏବଂ ନଦୀ ଓ ହ୍ରଦମାନଙ୍କରେ ଡଲ୍ଫିନ୍ମାନଙ୍କର ଉପସ୍ଥିତି ସେହି ଅଞ୍ଚଳର ଜୈବ ବିବିଧତା ଏବଂ ଉତ୍ତମ ପାରିପାର୍ଶ୍ୱିକ ଅବସ୍ଥାକୁ ସୂଚାଇଥାଏ ।

***Desk***

## ଏସୀୟ କ୍ରୀଡ଼ା

ଚୀନ୍‌ର ହାଙ୍ଗ୍‌ଝୌଠାରେ ଚାଲିଥିବା ଏସୀୟ କ୍ରୀଡାରେ ଭାରତକୁ ଆଜି ଆଉ ୩ଟି ସ୍ୱର୍ଣ୍ଣପଦକ ମିଳିଛି। ତୀରଚାଳନାରେ ଭାରତୀୟ ପୁରୁଷ କମ୍ପାଉଣ୍ଡ୍ ତୀରଚାଳନା ଦଳ ଦକ୍ଷିଣ କୋରିଆ ଦଳକୁ ୨୩୫-୨୩୦ ପଏଣ୍ଟ୍‌ରେ ହରାଇ ସ୍ୱର୍ଣ୍ଣପଦକ ହାସଲ କରିଛି । ସେହିଭଳି ଭାରତର ଦିପିକା ପାଲିକଲ ଏବଂ ଫରିନ୍ଦର ପାଲ୍ ସିଂ ସନ୍ଧୁ ସ୍କ୍ୱାସ୍‌ର ମିକ୍ସଡ୍ ଡବଲ୍ ଇଭେଣ୍ଟରେ ମଲେସିଆକୁ ହରାଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। କର୍ଣ୍ଣିତ୍ କୌର ଅଦିତି ଗୋପିଚନ୍ଦ ସ୍ୱାମୀ ଏବଂ ଜ୍ୟୋତି ସୁରେଖା ତୀରଚାଳନାରେ ଚୀନ୍‌କୁ ହରାଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଆମର ହସ୍ତଗତ ହୋଇଥିବା ସର୍ବଶେଷ ତଥ୍ୟ ଅନୁଯାୟୀ ଭାରତ ୨୧ଟି ସ୍ୱର୍ଣ୍ଣ, ୩୨ଟି ରୌପ୍ୟ ଏବଂ ୩୩ଟି ବ୍ରୋଞ୍ଜ ପଦକ ସହ ୮୬ଟି ପଦକ ପାଇ ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି, ଯାହାକି ଭାରତର ଏସୀୟ କ୍ରୀଡ଼ା ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ । ପୂର୍ବରୁ ଭାରତ ଜାକର୍ତ୍ତାଠାରେ ଅନୁଷ୍ଠିତ ଅଷ୍ଟାଦଶ ଏସୀୟ କ୍ରୀଡ଼ାରେ ୭୦ଟି ପଦକ ପାଇଥିଲା ।

*****